# ଧରିତ୍ରୀ

## ତାରିଖ: ୨୮.୦୭.୨୦୨୫

# ବିଆଇଆଇଟିଏମ୍ କ୍ୟାମ୍ପସରେ ରକ୍ତଦାନ ଶିବିର



ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)

ସ୍ୱର୍ଗତ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧୋତ୍ସବ ଅବସରରେ ବିଆଇଆଇଟିଏମ୍ କ୍ୟାମ୍ପସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ରକ୍ତଦାନ ଏବଂ ରେଡ୍‌କ୍ରସ୍ ସହାୟତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ବିଆଇଆଇଟିଏମ୍‌ର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ରକ୍ତଦାନ କରିଥିଲେ। ଏମ୍‌ସର ପୂର୍ବତନ ରେଜିଷ୍ଟ୍ରାର ଡା. ବି. ବି. ମିଶ୍ର ଏବଂ ଶୈଳବାଳା ମିଶ୍ର, ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ଶିବିର ଉଦ୍‌ଘାଟନ କରିଥିଲେ। ସେମାନେ ସ୍ୱର୍ଗତ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ।